# NATIONAL NEWS BULLETIN (ODIA)

## 08th September - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଧାରା ୩୭୦ ଉଚ୍ଛେଦ ପରେ ଜମ୍ମୁ-କାଶ୍ମୀରରେ ବିଭିନ୍ନ କ୍ଷେତ୍ରରେ ବିକାଶ ଘଟିଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।
- ତିନିଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଲେ ସଂଯୁକ୍ତ ଆରବ ଏମିରେଟ୍ସର ଯୁବରାଜ ।
- ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ଲାଗିହେଲା ନବାନ୍ନ ।

— ନୂଆଖାଇ ଅବସରରେ ରାଜ୍ୟବାସୀଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ।

- ଦେଶରେ ଜଣେ ସନ୍ଦିଗ୍ଧ ମଙ୍କିପକ୍ସ ରୋଗୀଙ୍କ ଚିହ୍ନଟ; ନମୁନା ପରୀକ୍ଷଣ ପରେ ରୋଗର ଉପସ୍ଥିତି ହେବ ନିଶ୍ଚିତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ।

ଏବଂ

- ଆଜି ଉଦ୍‌ଯାପିତ ହେଉଛି ପ୍ୟାରିସ୍ ପାରା ଅଲିମ୍ପିକ୍ସ-୨୦୨୪ ।

— ୭ଟି ସ୍ୱର୍ଣ୍ଣ ସହ ଭାରତର ୨୯ଟି ପଦକ ହାସଲ ।

## ଜେ.କେ. - ରାଜନାଥ କ୍ୟାମ୍ପେନ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଜମ୍ମୁ-କାଶ୍ମୀରରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନ ଉପରେ ସମଗ୍ର ବିଶ୍ୱ ନଜର ରଖିଛି । ରାମବନ୍ ଜିଲ୍ଲାରେ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଧାରା ୩୭୦ ଏବଂ ୩୫-କ ଉଚ୍ଛେଦ ପରେ ଭୋଟର୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ମତଦାନପାଇଁ ସେମାନଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି । ସାମ୍ପ୍ରତିକ ସ୍ଥିତି ବଜାୟ ରଖିବାପାଇଁ ବି.ଜେ.ପି.ର ପ୍ରତିବଦ୍ଧତାକୁ ମନ୍ତ୍ରୀ ଶ୍ରୀ ସିଂହ ଦୋହରାଇଥିଲେ । ୩୭୦ ଧାରା ଉଚ୍ଛେଦ ପରେ ଜମ୍ମୁ-କାଶ୍ମୀରରେ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହୋଇପାରିଛି ବୋଲି ସେ କହିବା ସହ ଏହି ଧାରା ପୁନଃ ପ୍ରଚଳନ ନେଇ କଂଗ୍ରେସର ଦାବିକୁ କଡ଼ା ସମାଲୋଚନା କରିଥିଲେ । ଜମ୍ମୁ-କାଶ୍ମୀରରେ ଏବେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇଛି ବୋଲି ମନ୍ତ୍ରୀ କହିବା ସହ ବି.ଜେ.ପି. ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

# କ୍ରାଉନ୍ ପ୍ରିନ୍ସ - ଭିଜିଟ୍

ଆବୁଧାବିର ଯୁବରାଜ ସେଖ୍ ଖଲିଦ୍ ବିନ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନାହେୟାଁ ତିନିଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ତାଙ୍କୁ ସ୍ୱାଗତ କରିଛନ୍ତି । ଆବୁଧାବିର ଯୁବରାଜ ଭାବେ ନାହେୟାଁଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ତାଙ୍କ ସହ ସଂଯୁକ୍ତ ଆରବ ଏମିରେଟ୍ସ୍ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଏବଂ ଶିଳ୍ପପତି ଗୋଷ୍ଠୀ ଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆସନ୍ତାକାଲି ସେ ସାକ୍ଷାତ୍ କରି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିବା ସହ ରାଜଘାଟ୍ ଯାଇ ଜାତିର ପିତା ମହାତ୍ମାଗାନ୍ଧିଙ୍କ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଶ୍ରୀ ନାହେୟାଁ ଏକ ବାଣିଜ୍ୟ ସମ୍ମିଳନୀରେ ଯୋଗଦେବାପାଇଁ ଆସନ୍ତା ମଙ୍ଗଳବାର ଦିନ ମୁମ୍ବାଇ ଗସ୍ତ କରିବେ । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ବ୍ୟାପକ ରଣନୀତିକ ଭାଗିଦାରିତା ରହିଛି । ବାଣିଜ୍ୟ, ପୁଞ୍ଜିନିବେଶ, ଯୋଗାଯୋଗ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ରହିଛି । ଯୁବରାଜଙ୍କର ଏହି ଗସ୍ତ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ନୂତନ କ୍ଷେତ୍ରରେ ଭାଗିଦାରିତା ପାଇଁ ମାର୍ଗ ଉନ୍ମୁକ୍ତ କରିବ ବୋଲି ଆଶା କରାଯାଉଛି ।

## ଏ.ପି. - ସି.ଏମ୍. ଗଭର୍ଣ୍ଣର ଫ୍ଲଡ୍ ସିଚୁଏସନ୍

ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଆଜି ବିଜୟୱାଡ଼ାସ୍ଥିତ ରାଜଭବନରେ ରାଜ୍ୟପାଳ ଏସ୍. ଅବଦୁଲ୍ ନଜିରଙ୍କୁ ସାକ୍ଷାତ୍ କରିଛନ୍ତି । ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତି ଏବଂ କ୍ଷୟକ୍ଷତି ସମ୍ପର୍କରେ ଶ୍ରୀ ନାଇଡୁ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ସେହିଭଳି ସରକାରଙ୍କ ପକ୍ଷରୁ ରିଲିଫ୍ ଏବଂ ଥଇଥାନ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ । ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀ ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କରୁଥିବାର ରାଜ୍ୟପାଳ ଶ୍ରୀ ନଜିର ତାଙ୍କର ପ୍ରଶଂସା କରିବା ସହ ରାଜ୍ୟରେ ସ୍ଥିତି ଖୁବ୍‌ଶୀଘ୍ର ସ୍ୱାଭାବିକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

## ନୂଆଖାଇ

ଗଣପର୍ବ ନୂଆଖାଇପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥା'ନ୍ତି । ପଶ୍ଚିମ

ଓଡ଼ିଶାର ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆଜି ନବାନ୍ନ ଲାଗି ହୋଇଛି ।

ନୂଆଁଖାଇ ଅବସରରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ନୂଆଁଖାଇ ଆମ କୃଷିଭିତ୍ତିକ ଜନଜୀବନର ଏକ ମହାନ୍ ପର୍ବ। **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ** ନୂଆଖାଇ ଅବସରରେ ସାମାଜିକ ଗଣମାଧ୍ୟମରେ ରାଜ୍ୟର ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରିଶ୍ରମୀ ଚାଷୀମାନଙ୍କର ସମାଜ ପ୍ରତି ଯୋଗଦାନକୁ ପ୍ରଶଂସା କରୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ସି.ଏମ୍. କିଷାନ୍ ଯୋଜନା - ଓଡ଼ିଶା

ଓଡ଼ିଶା ସରକାର ରାଜ୍ୟର ଭୂମିହୀନ ଚାଷୀ, ନାମମାତ୍ର ଚାଷୀଙ୍କୁ ସିଏମ୍ କିଷାନ୍ ଯୋଜନାର ପ୍ରଥମ କିସ୍ତି ଆଜି ପ୍ରଦାନ କରିଛନ୍ତି। ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍- କିଷାନ ଯୋଜନାର ଶୁଭାରମ୍ଭ କରିବା ସହିତ ସିଏମ୍ କିଷାନ ପୋର୍ଟାଲ ଏବଂ କୃଷକ ଓଡ଼ିଶା ଏକକୀକୃତ ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି। ସିଏମ୍ କିଷାନ ଯୋଜନାରେ ୯୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରତ୍ୟକ୍ଷ

ସୁବିଧା ହସ୍ତାନ୍ତର– ଡିବିଟି ମାଧ୍ୟମରେ ପ୍ରାୟ ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭୂମିହୀନ କୃଷକ ପରିବାରଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦୁଇ ମାସ ଭିତରେ ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ମଙ୍କିପକ୍ସ - ସସ୍‌ପେକ୍ଟ କେସ୍

ଦେଶରେ ଜଣେ ସନ୍ଦିଗ୍ଧ ମଙ୍କିପକ୍ସ ବା ଏମ୍.ପକ୍ସ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ନିକଟରେ ସେହି ଯୁବକ ମଙ୍କିପକ୍ସ ସଂକ୍ରମିତ ଦେଶ ଭ୍ରମଣରେ ଯାଇଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଡାକ୍ତରଖାନାରେ ସଙ୍ଗରୋଧରେ ରଖାଯାଇଛି । ମଙ୍କିପକ୍ସ ଉପସ୍ଥିତିକୁ ନିଶ୍ଚିତ କରିବା ଲକ୍ଷ୍ୟରେ ତାଙ୍କର ନମୁନା ପରୀକ୍ଷା କରାଯାଇଛି । ମନ୍ତ୍ରଣାଳୟ କହିଛି, ସେହି ସନ୍ଦିଗ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ତାଙ୍କର ଚିକିତ୍ସା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ପରିଚାଳନା କରାଯାଉଛି । ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଚିହ୍ନଟ ମଧ୍ୟ ଆରମ୍ଭ ହୋଇଛି । ଏଭଳି ପରିସ୍ଥିତିର ମୁକାବିଲା ପାଇଁ ଦେଶ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରଣାଳୟ ଆଶ୍ୱାସନା ଦେଇଛି ।

# ଅଶ୍ୱିନୀ ବୈଷ୍ଣବ - ଟାଇମ୍ ମାଗାଜିନ୍

ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅନ୍ୟତମ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଟାଇମ୍ ମାଗାଜିନ୍ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମନୋନୀତ କରିଛି । ତାଲିକାର 'ସେପର୍' ବା ସୃଷ୍ଟିକର୍ତ୍ତା ବର୍ଗରେ ଶ୍ରୀ ବୈଷ୍ଣବଙ୍କ ନାମ ସ୍ଥାନିତ ହୋଇଛି । ଶ୍ରୀ ବୈଷ୍ଣବଙ୍କ ନେତୃତ୍ୱରେ ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ସ୍ଥାନିତ ହୋଇପାରିବ ବୋଲି ଟାଇମ୍ ମାଗାଜିନ୍ ଆଶା ପ୍ରକଟ କରିଛି । ଆଧୁନିକ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥା ପାଇଁ ଆବଶ୍ୟକ ଉପାଦାନ ନିର୍ମାଣ ଆରମ୍ଭ ହୋଇଛି । ସେମିକଣ୍ଡକ୍ଟର ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଅଗ୍ରସର ହେଉଛି ବୋଲି ମାଗାଜିନ୍ ପକ୍ଷରୁ କୁହାଯାଇଛି । ଏହି ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଗୁଗୁଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ସତ୍ୟ ନାଦେଲ୍ଲା, ଓପନ୍ ଏ.ଆଇ.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲ୍‌ଟମ୍ୟାନ୍, ମେଟାର ସି.ଇ.ଓ. ମାର୍କ ଜୁକରବର୍ଗ ଏବଂ ଇନ୍‌ଫୋସିସ୍‌ର ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନୀ ପ୍ରମୁଖ ଅଛନ୍ତି ।

# ପ୍ରେଜ୍ - ଏଲ୍.କେ.ଓ. କଣ୍ଡୋଲେନ୍ସ

ଉତ୍ତରପ୍ରଦେଶ ଲକ୍ଷ୍ନୌଠାରେ କୋଠାଭୁଶୁଡି ପଡିବା ଘଟଣାରେ  ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଲକ୍ଷ୍ନୌର ଟ୍ରାନ୍ସପୋର୍ଟ ନଗର ଅଞ୍ଚଳର ହରିମିଲାପ ନାମକ ଏକ ୩ ମହଲା କୋଠା ଗତକାଲି  ଭୁଶୁଡି ପଡିବାରୁ ୫ଜଣଙ୍କର ମୃତ୍ୟୁ ହୋଇଥିଲା । ଭଗ୍ନାବଶେଷ ତଳୁ ଆଉ ୩ଜଣଙ୍କର ମୃତଦେହ ଉଦ୍ଧାର ପରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧିପାଇଛି । ଏଥିରେ ଆହତ ହୋଇଥିବା ୨୮ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୁଲିସ ଓ ପ୍ରଶାସନ ସହ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ପି.ଆଇ.ବି. - ଫ୍ୟାକ୍ଟ ଚେକ୍

ପି.ଏମ୍. କୁସୁମ ଯୋଜନାରେ ପଞ୍ଜୀକରଣ ପାଇଁ ୮ ହଜାର ଟଙ୍କା ଶୁଳ୍କ ଆଦାୟ କରିବା ସଂକ୍ରାନ୍ତ ଚିଠି ନକଲି ବୋଲି ପତ୍ର ସୂଚନା କାର୍ଯ୍ୟାଳୟ - ପି.ଆଇ.ବି. ସ୍ପଷ୍ଟ କରିଛି । ପି.ଆଇ.ବି.ର ସତ୍ୟତା ଅନୁସନ୍ଧାନ ୟୁନିଟ୍ ପକ୍ଷରୁ କୁହାଯାଇଛି, ଏଭଳି ଦାବି ଅମୂଳକ । କେନ୍ଦ୍ର ସରକାର ଏଭଳି କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ପି.ଏମ୍. କୁସୁମ ଯୋଜନାରେ ବ୍ୟକ୍ତିଗତ ସୂଚନା ପ୍ରଦାନ କରିବା କିମ୍ବା ଟଙ୍କା ଜମା କରିବା ପୂର୍ବରୁ ସେ ସମ୍ପର୍କରେ ୱେବ୍‌ସାଇଟ୍‌ରୁ ସତ୍ୟତା ଯାଞ୍ଚ୍ କରିବାକୁ ପରାମର୍ଶ ଦିଆଯାଇଛି । ସୂଚନା ମନ୍ତ୍ରଣାଳୟର ୱେବ୍‌ସାଇଟ୍ pmkusum dot mre dot gov dot inରେ ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ହେଉଛି । ଏଥିପାଇଁ ୧୮୦୦-୧୮୦-୩୩୩୩ ଟୋଲ୍‌ଫ୍ରି ନମ୍ବର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି ।

# ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସ-୨୦୨୪ ଆଜି ରାତିରେ ଉଦ୍‌ଯାପିତ ହେଉଛି । ଫ୍ରାନ୍‌ସର ଜାତୀୟ ଷ୍ଟାଡିୟମ୍ ଷ୍ଟେଡ୍ ଡି ଫ୍ରାନ୍‌ସଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ।

ଉଦ୍ଯାପନୀ ସମାରୋହରେ ସ୍ୱର୍ଣ୍ଣପଦକ ବିଜେତା ତୀରଚାଳକ ହର୍ବିନ୍ଦର ସିଂହ ଏବଂ ଧାବିକା ପ୍ରୀତି ପାଲ୍ ଭାରତୀୟ ଜାତୀୟ ପତାକା ବହନ କରିବେ । ଚଳିତ କ୍ରୀଡ଼ା ମହାକୁମ୍ଭ ସମାପ୍ତ ସହ ୨୦୨୮ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଅଲିମ୍ପିକ୍ସ ଆୟୋଜନ ନେଇ ଲସ୍ ଏଞ୍ଜେଲସ୍‌କୁ ଅଲିମ୍ପିକ୍ସ ମଶାଲ ହସ୍ତାନ୍ତର କରାଯିବ ।

ଚଳିତ ପାରା ଅଲିମ୍ପିକ୍ସ ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀ ପୂର୍ବାପେକ୍ଷା ଅଧିକ ପଦକ ହାସଲ କରିଛନ୍ତି । ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୩ଟି ବ୍ରୋଞ୍ଜ୍ ପଦକ ସହ ମୋଟ୍ ୨୯ଟି ପଦକ ହାସଲ କରି ଭାରତ ତାଲିକାର ଷୋଡ଼ଶ ସ୍ଥାନରେ ରହିଛି ।

## ଏସିଆ କପ୍ - ହକି

ଚୀନ୍‌ର ହୁଲୁନ୍‌ବୁଇର୍‌ଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାରେ ଆଜି ଭାରତ ଚୀନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ସୁଖଜିତ୍ ସିଂହ, ଉତ୍ତମ ସିଂହ ଏବଂ ଅଭିଷେକ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ । ଏହି ବିଜୟ ସହ ପ୍ୟାରିସ୍ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ଦଳ ତା'ର ଏସୀୟ କପ୍ ଅଭିଯାନ ଆରମ୍ଭ କରିଛି । ଆସନ୍ତାକାଲି ଭାରତ ଜାପାନ୍‌କୁ ଭେଟିବ । ସୂଚନାଯୋଗ୍ୟ, ଚାମ୍ପିୟନ୍‌ସିପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ଏବଂ ଜାପାନ୍

ମଧ୍ୟରେ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା । ଉଭୟ ଦଳ ପରସ୍ପରକୁ ୫ଟି ଲେଖାଏଁ ଗୋଲ୍ ଦେଇଥିଲେ ।

*****